ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/OLLC(Od)/1081/02-10-2023**

# ଗାନ୍ଧିଜୀଙ୍କ ଉପରେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ

ଭୁବନେଶ୍ୱର,୦୨/୧୦/୨୦୨୩:

ପବିତ୍ର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଗାନ୍ଧିଜୀଙ୍କ ଜୀବନାଦର୍ଶ ଉପରେ ଏକ ଦିନିକିଆ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଆୟୋଜିତ ଏହି ମହୋତ୍ସବକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ । ଏହା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ମୁମ୍ବାଇସ୍ଥିତ ଇଣ୍ଡିଆନ୍ ଇନ୍‌ଫୋଟେନ୍‌ମେଣ୍ଟ କର୍ପୋରେସନ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଛି ।

ଏହି ମହୋତ୍ସବରେ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଦିଲୀପ ରାଉତରାଏ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଗାନ୍ଧୀ ପାନରୋମା ଅଧ୍ୟକ୍ଷ ଦେବେନ୍ଦ୍ର ଖଣ୍ଡୱାଲ୍, ଆୟୋଜନ କମିଟି ସଚିବ କେତକୀ କାପାଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ ପ୍ରସିଦ୍ଧ ଗାନ୍ଧିବାଦୀ ରୀନା ରାଉତରାୟ, ଶ୍ରୀ ବିରୁପାକ୍ଷ ତ୍ରିପାଠୀ, ଶ୍ରୀ ଜୟନ୍ତ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଦ୍ୟାଳୟ ଛାତ୍ରଛାତ୍ରୀ ଗାନ୍ଧୀଙ୍କ ଜୀବନାଦର୍ଶ ଉପରେ ପ୍ରଦର୍ଶିତ ବିଭିନ୍ନ କ୍ଷୁଦ୍ର ଚଳଚିତ୍ର ଦେଖି ଖୁସିବ୍ୟକ୍ତ କରିଥିଲେ ।

ଜିତେନ୍ଦ୍ରୀୟ ଜେନା
ସୂଚନା ଅଧିକାରୀ